**Deutsche Gesellschaft Internationale Zusammenarbeit (GIZ) GmbH**
**ସହାୟତାରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଓ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ ପକ୍ଷରୁ**
**ଭୁବନେଶ୍ୱର ପାଇଁ ଲୋ କାର୍ବନ ମୋବିଲିଟି ପ୍ଲାନର ଘୋଷଣା**
**ଦୀର୍ଘସ୍ଥାୟୀ ପରିବହନର ଯୋଜନା ଓ ପ୍ରୟୋଗକୁ ବିକାଶ କରିବା ପାଇଁ ଏକ ଦ୍ୱିପାକ୍ଷିକ ସହବନ୍ଧିତା**

**ଭୁବନେଶ୍ୱର, ତାରିଖ :** ୨୦୧୧ ଜନଗଣନା ଅନୁସାରେ ଭୁବନେଶ୍ୱର ୨୯.୪%ର ହାରରେ ଏକ ଦାଶନ୍ଧିକ ବୃଦ୍ଧି ସହ ବିକାଶ ଲାଭ କରିଛି । ଏହି ଅଭିବୃଦ୍ଧି ବ୍ୟକ୍ତିଗତ ଯାନ (ବିଶେଷ କରି ଦୁଇଚକିଆ ଯାନ) ଉପରେ ଅଧିକ ନିର୍ଭରଶୀଳତା, ସଡ଼କରେ ଭିଡ଼ ଓ ଦୁର୍ଘଟଣାରେ ବୃଦ୍ଧି ଆଦି ପଥଚାରୀମାନଙ୍କୁ ପ୍ରଭାବିତ କରୁଛି । ଭୁବନେଶ୍ୱର ପରିବହନ କ୍ଷେତ୍ରରୁ ମିଳିଥିବା ପରିସଂଖ୍ୟାନ ଦର୍ଶାଉଛି ଯେ, ୮୦%ରୁ ଉର୍ଦ୍ଧ୍ୱ ଲୋକ ଗମନାଗମନ କରିବା ପାଇଁ ବ୍ୟକ୍ତିଗତ ଗାଡ଼ି ଉପରେ ନିର୍ଭର କରିଥା'ନ୍ତି । ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଅନୁଯାୟୀ ୨୦୧୯ରେ ସମୁଦାୟ ପଞ୍ଜିକୃତ ହୋଇଥିବା ଗାଡ଼ି ସଂଖ୍ୟା ୧୪ ଲକ୍ଷ ଅଟେ, ଯାହା ସହରର ଜନସଂଖ୍ୟାଠାରୁ ଅଧିକ ଯାହା (୨୦୧୯ର ଆକଳନ ଅନୁଯାୟୀ ୧୦ ଲକ୍ଷ) । ଆସନ୍ତା କୋଡ଼ିଏ ବର୍ଷ ମଧ୍ୟରେ ସହରର ଜନସଂଖ୍ୟା ଦୁଇଗୁଣ ହେବ ବୋଲି ଆଶା କରାଯାଉଛି । ତେଣୁ ଭୁବନେଶ୍ୱରକୁ ସମସ୍ତଙ୍କ ପାଇଁ ଏକ ସ୍ୱାସ୍ଥ୍ୟପ୍ରଦ, ସୁନ୍ଦର, ସମୃଦ୍ଧିଶୀଳ ଓ ବସବାସଯୋଗ୍ୟ ସ୍ଥାନ ରୂପେ ଗଢ଼ିବା ପାଇଁ ସତର୍କତାର ସହିତ ଯୋଜନାର ଆବଶ୍ୟକତା ରହିଛି ।

ବର୍ତ୍ତମାନ ଭୁବନେଶ୍ୱରରେ ଦୀର୍ଘସ୍ଥାୟୀ ପରିବହନ ବ୍ୟବସ୍ଥା ଆଣିବା ପାଇଁ ଏକ ଦୀର୍ଘକାଳୀନ ଯୋଜନାଭିତ୍ତିକ ଦୃଷ୍ଟିର ଅଭାବ ରହିଛି । ଏହି ଆହ୍ୱାନକୁ ଗ୍ରହଣ କରିବା ପାଇଁ Deutsche Gesellschaft Internationale Zusammenarbeit (GIZ) GmbH ସହାୟତାରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର ଏବଂ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଲୋ କାର୍ବନ ମୋବିଲିଟି ପ୍ଲାନ (ଏଲ୍‌ସିଏମ୍‌ପି) ସୃଷ୍ଟି କରାଯାଇଛି, ଯାହା ଭୁବନେଶ୍ୱର ନିମନ୍ତେ ଏକ କୌଶଳଭିତ୍ତିକ ଦସ୍ତାବିଜ ଓ ଗତିଶୀଳ ବ୍ଲୁ ପ୍ରିଣ୍ଟ ହେବ ଏବଂ ଏହା ସହରାଞ୍ଚଳ ପରିବହନ କ୍ଷେତ୍ରକୁ ବିକଶିତ, ଉନ୍ନତି କରିବା ନିମନ୍ତେ ସାହାଯ୍ୟ କରିବ ।

ଦ୍ରୁତ ଭାବରେ ବୃଦ୍ଧି ପାଉଥିବା ଜନସଂଖ୍ୟା, ପରିବହନ ଓ ଯାନବାହନ ନିମନ୍ତେ ପ୍ରତ୍ୟେକ ସହରରେ ଲୋ କାର୍ବନ ମୋବିଲିଟି ପ୍ଲାନ ଯୋଜନା ରହିବା ନିହାତି ଜରୁରୀ । ଏହା ସହରର ବିକାଶ ପାଇଁ ମାର୍ଗ ଦର୍ଶାଇଥାଏ, ଯାହା ଦ୍ୱାରା ଗମନାଗମନ ଅଧିକ ହେଲେ ସୁଦ୍ଧା (ସମୁଦାୟ ସଂଖ୍ୟକ ଯାତ୍ରୀ ଯାତ୍ରା କରିଥିବା କିଲୋମିଟର ଅନୁଯାୟୀ) ଶକ୍ତି ଖର୍ଚ୍ଚ ଓ ନିର୍ଗମନ କମ୍ ହୋଇଥାଏ, ସର୍ବସାଧାରଣଙ୍କ ପାଇଁ ସ୍ଥାନ ସଂରକ୍ଷିତ ରହିଥାଏ ଏବଂ ସହର ଏହାର ନାଗରିକଙ୍କୁ ଏକ ସୁରକ୍ଷିତ ତଥା ଉତ୍ତମ ମାନର ସେବା ପ୍ରଦାନ କରିଥାଏ । ଏଲ୍‌ସିଏମ୍‌ପି ବିକାଶ ପଦକ୍ଷେପ ମଧ୍ୟ ଭାରତର ଗୃହ ନିର୍ମାଣ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ **(MoHUA)**ଙ୍କ ସୁପାରିଶ୍ କ୍ରମେ କରାଯାଇଛି, ଯାହା ଦ୍ୱାରା ସହର ଏକ ସୃଜନଶୀଳ ଗମନାଗମନ ଯୋଜନା ପ୍ରସ୍ତୁତ କରିପାରିବ ଏବଂ ସହର ମଧ୍ୟରେ ପରିବହନ ସଂକ୍ରାନ୍ତୀୟ ପ୍ରକଳ୍ପ, ଯୋଜନା ଓ ନିୟାମକଗୁଡ଼ିକୁ ଚିହ୍ନଟ ଓ ଅନୁମୋଦନ କରାଯାଇପାରିବ ।

ଏଲ୍‌ସିଏମ୍‌ପି ପ୍ରସ୍ତୁତି **(SMART-SUT)** ସମନ୍ୱିତ ସ୍ଥାୟୀ ପରିବହନ ବ୍ୟବସ୍ଥା ସହଯୋଗରେ କରାଯାଇଛି । ଯାହାକୁ **GIZ,** ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଏବଂ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷର ମିଳିତ ସହଯୋଗରେ ଏବଂ ଇଣ୍ଡୋ-ଜର୍ମାନ ସହଭାଗିତାରେ କରାଯାଇଛି ।

ଏଲ୍‌ସିଏମ୍‌ପି ପ୍ରାଥମିକ ଭାବେ ଭୁବନେଶ୍ୱରରେ ଜନ ଓ ମାଲ ପରିବହନ ଉପରେ ଦୃଷ୍ଟି ପ୍ରଦାନ କରୁଛି । ଏହା ସୁରକ୍ଷା, ବିଶ୍ୱାସଯୋଗ୍ୟ, ବ୍ୟୟସାପେକ୍ଷତା ଓ ପ୍ରଭାବଶୀଳତା ପ୍ରଦାନ କରିବା ସହିତ ସହରର ଆର୍ଥିକ, ସାମାଜିକ ଓ ପାରିପାର୍ଶ୍ୱିକ ସ୍ଥାୟୀତ୍ୱକୁ ବଜାୟ ରଖୁଛି । ଏହି ଯୋଜନା ନିମ୍ନଲିଖିତ ଜିନିଷଗୁଡ଼ିକ ଉପରେ ଦୃଷ୍ଟି କେନ୍ଦ୍ରିତ କରୁଛି :

- ଭୁବନେଶ୍ୱରରେ ଜନ ଓ ମାଲ ପରିବହନ କ୍ଷେତ୍ରରେ ବିକାଶ ଆଣିବା
- ଏକାଧିକ ପରିବହନ ସେବାସ୍ତରର କାର୍ଯ୍ୟଦକ୍ଷତାକୁ ମାପିବା ଓ ଯାଞ୍ଚ କରିବା
- ଲୋକମାନଙ୍କ ପରିବହନ, ସାଇକେଲ ଚାଳନା, ପଥଚାରୀ ଓ ଗତିଶୀଳତାର ବିକଳ୍ପ ବ୍ୟବସ୍ଥାଗୁଡ଼ିକୁ ବିକଶିତ କରିବା

- ଜମି ବ୍ୟବହାର ଓ ପରିବହନ ଯୋଜନାର ମିଶ୍ରଣ ପାଇଁ ଏକ ପ୍ରଭାବଶାଳୀ ମଞ୍ଚ ପ୍ରଦାନ କରିବା
- ସୁଗମନତା, ସାମଗ୍ରିକ ଏବଂ ସୁରକ୍ଷା ଉପରେ ଅଗ୍ରାଧିକାର ଦେବା ସହିତ ପରିବେଶ ଉପରେ କ୍ଷତିକାରକ ପ୍ରଭାବଗୁଡ଼ିକୁ କମ୍ କରୁଛି ।

ଏହି ଯୋଜନା ଆଗାମୀ ୨୦ ବର୍ଷକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଉଛି, ଯାହାର ସଫଳତା ଓ ଲକ୍ଷ୍ୟ ୨୦୧୯ରୁ ୨୦୪୦ ପର୍ଯ୍ୟନ୍ତ ପ୍ରତି ପାଞ୍ଚ ବର୍ଷରେ ଅପଡେଟ୍ ହେବ । ଏଗୁଡ଼ିକ ଭୁବନେଶ୍ୱରର ସ୍ମାର୍ଟ ସିଟି ମିଶନ୍ ଅଧିନସ୍ଥ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ ହେବ ଯାହା ଭୁବନେଶ୍ୱରକୁ ଏକ ପରିବହନ-ଅଭିମୁଖୀ ଶିଶୁଙ୍କୁ ସୁହାଇଲା ଭଳି ସ୍ୱାସ୍ଥ୍ୟବାନ-ସହର ଓ ଆଞ୍ଚଳିକ ଅର୍ଥନୈତିକ କେନ୍ଦ୍ରରେ ପରିଣତ ହେବ ।

ବର୍ତ୍ତମାନ ବିଭିନ୍ନ ବିଭାଗ ଓ ସଂସ୍ଥାମାନେ ସହରାଞ୍ଚଳ ପରିବହନର ବିଭିନ୍ନ ସମ୍ପର୍କିତ ଦୃଷ୍ଟିକୋଣଗୁଡ଼ିକ, ଯେପରିକି - ଭୂମି ପରିଚାଳନା, ପାର୍କିଂ, ବସ୍ ସେବା, ରାସ୍ତା ନିର୍ମାଣ ଓ ଟ୍ରାଫିକ୍ ପରିଚାଳନା ଉପରେ ଧ୍ୟାନ ଦେଉଛନ୍ତି । ଏହି ପ୍ରକଳ୍ପଗୁଡ଼ିକୁ ସମନ୍ୱିତ କରି ସଫଳ ଭାବେ ପରିଚାଳନା କରିବା ଦିଗରେ ଏଲ୍‌ସିଏମ୍‌ପି ସହାୟତା ପ୍ରଦାନ କରିବ ।

ଏଥିନିମନ୍ତେ ଭୁବନେଶ୍ୱରର ପ୍ରମୁଖ ଜଡ଼ିତ ସଂସ୍ଥା ଯେମିତିକି ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେସନ **(BMC)**, ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ **(BSCL)**, କ୍ୟାପିଟାଲ ରିଜିଅନ ଅର୍ବାନ ଟ୍ରାନ୍ସପୋର୍ଟ **(CRUT)**, ଭୁବନେଶ୍ୱର ଅର୍ବାନ ନଲେଜ ସେଣ୍ଟର **(BUKC)** ଏବଂ ପୂର୍ତ୍ତ ବିଭାଗ **(PWD)** ପକ୍ଷରୁ ପ୍ରତିନିଧିମାନଙ୍କୁ ନେଇ ଏକ କାର୍ଯ୍ୟକାରୀ ସମିତି ଗଠନ କରାଯାଇଛି । ଅତିରିକ୍ତ ଭାବେ ନାଗରିକ ସମାଜ, ଶିକ୍ଷାଗତ ଅନୁଷ୍ଠାନ ଏବଂ ଅନ୍ୟାନ୍ୟ ସରକାରୀ ସଂସ୍ଥାମାନଙ୍କର ମତାମତ ପାଇଁ ଅନ୍ତିମ ଏଲ୍‌ସିଏମ୍‌ପି ଡ୍ରାଫ୍ଟକୁ ମଲ୍ଟି-ଷ୍ଟେକହୋଲଡର ମୋବିଲିଟି ପ୍ଲାନ କୋଅର୍ଡ଼ିନେସନ କମିଟି **(MPCC)** ସମ୍ମୁଖରେ ଉପସ୍ଥାପନା କରାଯିବ, ଯାହାର ସଭାପତିତ୍ୱ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ **(BDA)** ଦ୍ୱାରା ହେବ । ବିଡ଼ିଏକୁ ହସ୍ତାନ୍ତର କରିବା ପୂର୍ବରୁ ଏହି ସଂସ୍ଥାଗୁଡ଼ିକର ମତାମତ ଏବଂ ଉପଦେଶ, ନିର୍ଦ୍ଦିଷ୍ଟ ଦଳଗତ ଆଲୋଚନା ମାଧ୍ୟମରେ ସାଧାରଣ ଲୋକଙ୍କ ଯୋଗଦାନ ଏବଂ ଆସନ୍ତା କିଛି ବର୍ଷ ପରେ ସହରରେ ସର୍ବେକ୍ଷଣଗୁଡ଼ିକୁ ଏହି ଅନ୍ତିମ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ ।

ଭୁବନେଶ୍ୱରର ଲୋ କାର୍ବନ ମୋବିଲିଟି ପ୍ଲାନ୍ ଅନୁଯାୟୀ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷର ଉପାଧ୍ୟକ୍ଷ ଶ୍ରୀ ପ୍ରେମ ଚନ୍ଦ୍ର ଚୌଧୁରୀ କହିଛନ୍ତି, "ଏଲ୍‌ସିଏମ୍‌ପି ହେଉଛି ବିଡ଼ିଏ ଦ୍ୱାରା ଗ୍ରହଣ କରାଯାଇଥିବା ଏକ ଯୋଜନା ଯାହାକି **GIZ**ର ସମର୍ଥନରେ ଆଗାମୀ ୨୦ ବର୍ଷ ପାଇଁ ସହରର ଗତିଶୀଳତାକୁ ଏକ ବ୍ୟବସ୍ଥିତ ଢ଼ଙ୍ଗରେ ପରିଚାଳିତ କରିବ । ଏଲ୍‌ସିଏମ୍‌ପି ଭୁବନେଶ୍ୱର **COMPREHENSIVE DEVELOPMENT PLAN (CDP)**ରେ ଏକ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ଯାହାକି ଏକ ଦୀର୍ଘମିଆଦୀ ଯୋଜନା । ସହରର ସ୍ୱତନ୍ତ୍ର ବିକାଶରେ ସିଡ଼ିପି **(CDP)** ଅନ୍ତର୍ଗତ ବିଭିନ୍ନ ଯୋଜନା ପ୍ରସ୍ତୁତ କରିବା ପାଇଁ ଏହା ପରିଚାଳକ ହେବ ।"

ଭୁବନେଶ୍ୱରରେ ପ୍ରଚଳିତ ପରିବହନ ସମସ୍ୟାକୁ ଦୃଷ୍ଟିରେ ରଖି **GIZ**ର ବରିଷ୍ଠ ବୈଷୟିକ ଉପଦେଷ୍ଟା ଲଘୁ ପରାଶର କହିଛନ୍ତି, "ଆରଟିଓରୁ ମିଳିଥିବା ତଥ୍ୟ ଅନୁଯାୟୀ ପ୍ରତ୍ୟେକ ବର୍ଷ ସହରରେ ସମୁଦାୟ ୮୦,୦୦୦-୧,୦୦,୦୦୦ ଯାନବାହନ ସାମିଲ କରାଯାଉଛି । ପରିଷ୍କାର ଭାବେ ଏହି ଧାରା ଗ୍ରହଣୀୟ ନୁହେଁ । ଏଲ୍‌ସିଏମ୍‌ପି ହେଉଛି ଏକ ପ୍ରଥମ ପଦକ୍ଷେପ କେବଳ ଏବଂ ଗ୍ରହଣଯୋଗ୍ୟ ଗତିଶୀଳତାର ଦୃଷ୍ଟିକୋଣକୁ ଅନୁଭବ କରିବା ପାଇଁ ଏହାକୁ ସହରର ବିଭିନ୍ନ ବିକାଶନ୍ମୋଖୀ ପଦକ୍ଷେପଗୁଡ଼ିକ ସହ ଯୋଡ଼ିବାକୁ ପଡ଼ିବ । ଯୋଜନାରେ ଚିହ୍ନିତ ହୋଇଥିବା ମାପଦଣ୍ଡ ଏବଂ ରଣକୌଶଳଗୁଡ଼ିକୁ ସହରର ଯୋଜନା ପ୍ରକ୍ରିୟାର ଧାରା ତଥା ଭବିଷ୍ୟତ ଗତିଶୀଳତା ପ୍ରସ୍ତାବଗୁଡ଼ିକର ଏକ ଅଂଶ ଭାବେ ଗ୍ରହଣ କରାଯିବା ଉଚିତ୍ ।"

ଏଲ୍‌ସିଏମ୍‌ପି ଭୁବନେଶ୍ୱରରେ ସହରାଞ୍ଚଳ ପରିବହନ ପ୍ରକଳ୍ପର ଯୋଜନା ଓ ପ୍ରୟୋଗ ନିମନ୍ତେ ଏକ ସମ୍ପୂର୍ଣ୍ଣ ସମାଧାନର ସୂତ୍ର ପ୍ରଦାନ କରିବା ନିମନ୍ତେ ଲକ୍ଷ୍ୟ ରଖିଛି ।